ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**CLASS : IV**
**SUBJECT :** ପାଠ ୨
**CHAPTER NAME :** ହଜିଲା ଦିନ ର କଥା
**SUB TOPIC :** ଲେଖକ ପରିଚୟ , ଅନୁଛେଦ ବ୍ୟାଖ୍ୟା ଏବଂ କଠିନ ଶବ୍ଦ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024





ODM
EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow

# ଲେଖକ ପରିଚୟ



ରମେଶ ଚନ୍ଦ୍ର ଭଞ୍ଜ

ଏକାଧାରରେ ଜଣେ ଲେଖକ , ଭାଷାବିତ, ଶିକ୍ଷକ , ଗାଳ୍ପିକ, ଇତିହାସବିତ ଥିଲେ । ସେ ତାଙ୍କର ଗଳ୍ପ ଗଣ୍ଠିଲି ଲଘୁ ଗଳ୍ପ ସଂକଳନ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତାଙ୍କର କବିତା ସଂକଳନ *କାଠି କୁଟା ପତର, ଭେରୀ ତୂରୀ ମହୁରୀ* ଓ ଗଳ୍ପ ସଂକଳନ *ଗପ ଗଣ୍ଠିଲି, କଥା କୋଥଳି, ମୁଠାଏ ମହକ, କଥା କହୁଛି ଶୁଣ* ଇତ୍ୟାଦି ପ୍ରମୁଖ

ODM
EDUCATIONAL GROUP
Changing your Tomorrow



# ହଜିଲା ଦିନର କଥା

## ରମେଶ ଚନ୍ଦ୍ର ଭଞ୍ଜ

ସକାଳବୁଲା ଦେହକୁ ବଡ଼ ହିତ । ବେଶ ଫୁର୍ତ୍ତି ଲାଗେ, ସତେଜ ଲାଗେ । ସେଦିନ ମଧୁବାବୁ ସବୁଦିନ ପରି ସକାଳ ବେଳ ସାରି କୋଠିକୁ ଫେରି ଆସୁଥାନ୍ତି । ନିତି କିଲ୍ଲା ପଡିଆରେ ଘେରାଏ ବୁଲି ନ ଆସିଲେ ବାବୁଙ୍କୁ ଶାନ୍ତି ଲାଗେ ନାହିଁ । ବେଳେବେଳେ ବାରବାଟୀ କୁଳେକୁଳେ ଥୋଡିଏ ବାଟ ଚାଲିଯାନ୍ତି । ହାତରେ ଥାଏ ଶିଙ୍ଘ ବାଡ଼ି । ଘରଲେଉଟାଣି ମନଟା ଟିକିଏ ହାଲୁକା ଲାଗେ । ଶିଙ୍ଘ ବାଡ଼ି ଟା ହାତ ରେ ଘୁରୁଥାଏ । କାଳି ଅନ୍ଧାର ରୁ ସେ ବାହାରି ଯାନ୍ତି । ଫେରୁ ଫେରୁ କଅଁଳ ଖରା ପଡିଯାଇଥାଏ ।

ସେଦିନ କାହିଁକି କେଜାଣି ଟିକେ ସଅଳ ଫେରି ଆସିଥାନ୍ତି । ହତା ଭିତରେ ପଶୁ ପଶୁ ଆଖିରେ ପଡିଲା ଗିନା, ଗଡୁ, ଠେକି , ଡାଳ  ଥୁଆ ହୋଇଛି । କୋତରା ଲୁଗା ପିନ୍ଧା ସ୍ତ୍ରୀଲୋକ କେତୋଟି ଅପେକ୍ଷା କରି ଠିଆ ହୋଇଛନ୍ତି । ସେମାନଙ୍କ କାଖରେ କୁନି କୁନି ଛୁଆ । ବାବୁଙ୍କୁ ଦେଖି ସଭିଏଁ ଶଙ୍କି ଗଲେ । ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି, ଛୁଆ ଙ୍କ ଚେହେରା ତାକୁ ବଳି । ସମସ୍ତଙ୍କ ମୁଣ୍ଡ ନୁଖୁରା, ହାଡୁଆ ଦେହକୁ ଠାକରା ମୁହଁ । ଓଠ ଶୁଖିଲା , ଆଖି ନିସ୍ତେଜ, ଛୁଆଗୁଡ଼ିଙ୍କ ଦେହ ଫୁଙ୍ଗୁଳା , ପତଳା ଓ ଦୁର୍ବଳ ଚେହେରା ।

ODM
EDUCATIONAL GROUP
Changing your Tomorrow

ବାବୁ କାବା ହେଲେ, ଏମାନେ ଆଜି କୁଆଡ଼େ ! ଏଠାରେ କାହିଁକି ! ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ବାବୁ ପଚାରିଲେ

– କୁଆଡ଼େ ସବୁ ଆସିଛ ?

– କ୍ଷୀର ପାଇଁ। ଏଇ ପିଲାଙ୍କ ସକାଶେ।

– କିଏ କ୍ଷୀର ଦେବ ?

– ସୁଦାମ ଭଲ କ୍ଷୀର ଟିକିଏ ଦଉଚି ତ.......... ।

ସୁଦାମର ଘର ବିଡ଼ାନାସୀରେ। ସେ ବାବୁଙ୍କ ଗାଈମାନଙ୍କର ହେପାଜତ୍ କରେ। ଗୁହାଳ ଗୋବର, ଚୂନି, ଚୋକଡ଼, ନଡ଼ା, କୁଟା, ଘାସ, କୋଳଥ ସବୁ ତଦାରଖ କରେ। ଖାଇପିଇ ବାବୁଙ୍କ ଘରେ ଥାଏ। ବେଳେବେଳେ ଅନ୍ୟ ବୋଲହାକ କରେ।

ବାବୁ ତଲାସ କରି ବୁଝିଲେ, ଏମାନେ ଆଜି କେବଳ ଆସି ନାହାନ୍ତି । ଏମିତି ଗଲା କେତେଦିନ ଧରି ଆସୁଛନ୍ତି । ପୁଣି ପଇସା ଦେଇ କ୍ଷୀର ନେଉଛନ୍ତି । କିଏ ପାଏ ତ କିଏ ଅଧପାଏ । ସବୁ ପଇସା ଦେଉଛନ୍ତି ସୁଦାମକୁ । ବାବୁଙ୍କର ମଥାକୁ ରାଗ ଚଢ଼ିଗଲା, ମନେମନେ ସେ ନିଆଁ ହୋଇଗଲେ ସୁଦାମ ଉପରେ । ତାଙ୍କ ଅଜାଣତରେ ସୁଦାମ କ୍ଷୀର ବିକି ପଇସା ରଖୁଛି ? ଆଜି ସୁଦାମ ଘରୁ ବିଦା ହେବ । ହେଲେ ସୁଦାମ ତ ସେପରି ଲୋକ ନୁହେଁ ଏତେଦିନ ଧରି ରହିଲାଣି, ବାବୁଙ୍କର ଲୋକ ଚିହ୍ନିବାରେ ତେବେ କ'ଣ ଏତେ ଭୁଲ୍ ରହିଗଲା ?

# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | |
|---|---|
| ସଅଳ | ଶୀଘ୍ର |
| ଥୋଡାଏ ବାଟ | କିଛି ବାଟ |
| କୋତରା | ଅପରିଷ୍କାର |
| ଶଙ୍କିଯିବା | ଭୟ କରିଯିବା |
| ନୁଖୁରା | ତେଲ ନ ଲାଗିଥିବା |
| ଫୁଙ୍ଗୁଳା | ଲଙ୍ଗଳା |
| ହେପାଜତ | ରକ୍ଷଣା ବେକ୍ଷଣ |
| କାଳି ଅନ୍ଧାର | ଅତି ଭୋର ରୁ |

ODM EDUCATIONAL GROUP
Changing your Tomorrow

# ଅଧ୍ୟୟନରୁ ଲବ୍ଧ ଜ୍ଞାନର ଫଳାଫଳ

ଭାରତର □□□□ଧୀନତା ସଂଗ୍ରାମରେ ଥିବା
ଓଡିଶାର ବରପୁତ୍ରଙ୍କ ବିଷୟରେ ସମ୍ୟକ ଧାରଣା

# ଗୃହ କର୍ମ



ବିଷୟବସ୍ତୁ ରୁ ଯୋଡି ଶବ୍ଦ ଗୁଡିକୁ ବାଛି ଖାତା ରେ ଲେଖ

# THANKING YOU

# ODM EDUCATIONAL GROUP